Sometimes I think, what is in Him that is attracting so many people? But to me He is so different and so unique. You can't compare Him with any of the God or Goddess. He does not look like any normal human being as the deities usually look. All the deities except for Lord Ganesh, look like any human being but extremely beautiful. But who can say why Lord Jagannath has so different features and yet so profoundly beautiful. People of any origin, of any belief worship Him? I had many questions in my mind growing up. I took religion as my special paper when I was doing my Masters program in Oriya literature. I studied about Him and tried to rationalize everything I read or studied. But the truth is I fell in Love with Him. It is a lifelong affair that I kept a secret. Now I can openly say, “I love Him, I respect Him and He is my savior". So going to Puri when I visit India is not only a must, it is not possible for me to think that I will not see Him and come back. My journey will be incomplete. We have many temples here in America. We have installed Lord Jagannath in so many temples here in so many states. But my Jagannath in Puri temple is the one who is overseeing the world and protecting all of us. He is my first love and I disclose my love affair to you all.

Marriages are proposed on Earth but made in Heaven

Shashadhar Mohapatra, Silver Spring, Maryland

What I am going to write here is based on a true story. One of my former colleagues has invited me to his son’s wedding. He is from India, a Christian, but, genuinely a very good person, down to earth. In fact, I had helped this gentleman a few years ago to get a job in our department when he lost his job. He left our department more than three years ago. He still calls me many times to know how I am doing. He asks about my health, my family back home and how our children are doing etc. Although, I was giving him several excuses not to attend this wedding, he didn’t give up. He requested me time and again and was not in a mood to listen what I said. Finally, I said “yes, I ‘ll come with my wife”. He has an adult son

and daughter. Although I knew a lot about his children, but I never met with them. I was asking him about his son and his would be "bohu". I knew that both of them were brought up here in USA since they were toddlers. I was interested more to know where they met and how their relationship evolved. Here it goes….

It all started with a birthday dinner when Raja (name changed) heard that Rani (name changed) would be at their mutual friend's birthday dinner. He decided to make himself available, especially after meeting Rani briefly once and hearing great things about her. It's good Raja decided to show up in spite of his busy work schedule, because they were finally able to talk to each other and ended up having a great time. Is it hundred percent destiny?

Over the course of a few more conversations since the birthday dinner, Raja found out that Rani was a 'Washington Redskins' fan. He, being a 'Baltimore Ravens' fan, challenged her to a bet for an upcoming season game where their two teams were scheduled to play. The condition of the bet was that if the Ravens win, Rani would buy Raja lunch and if the Redskins win, Raja would buy her lunch. Rani agreed to the terms of the bet and was impressed that Raja was smart enough to set up a lunch date regardless of the final score. (score one, Raja!) .

Fortunately, the Ravens ended up winning that game. Raja made it very, very, very clear to Rani (and still does!) and they had their first date at 'Flavors of India' restaurant in Columbia, Maryland, where Raja met Rani donned in what else…but his Ravens jersey. Rani was excited to try some delicious mutton kababs and to spend time with Raja too. During the conversation, they both learned that they had more in common than they thought and the date went great. However, when it came time for paying the bill, Raja and Rani had their first quibble regarding who would pay the bill (good beginning for a healthy relationship !). Having agreed to the terms of the bet, Rani felt it was fair and necessary to pay for the dinner. Raja, trying to be a gentleman, had planned on paying for the dinner whatever the outcome and had already informed the cashier. (score two, Raja!). Rani let Raja win this one and he ended up paying for the dinner. But, during the first few months of their relationship, a twenty dollar bill was crossing their hands which is typical in USA. Thus, began the start of a new relationship that brought many competitive "quibbles", adventures, fist fights and laughs.

Finally, after a few dates, a final date has been scheduled for their wedding (August 24, 2013). I wish both Raja and Rani a memorable wedding. It is rightly said, marriages are proposed on earth (in Columbia, Maryland) and made in heaven (also, Columbia, Maryland).

Rathayatra 2013 Sponsors

We thank following sponsors who helped us not only reaching but exceeding the targeted goal.

Bikram and Rupa Paul - Taladhvaja sponsorship
Joydip and Dharitri Banarjee - Taladhvaja sponsorship
Naresh and Bigyani Das - Taladhvaja sponsorship
Nameeta and Chitaranjan Das - Taladhvaja sponsorship

Urmila Mohapatra - Taladhvaja sponsorship
Baruni and Prasanna Samal - Darpadalan Sponsorship
Indu and Jhunu Mishra - Darpadalan Sponsorship
Reema and Sudhir Raju - Darpadalan Sponsorship
Anonymous donor - Darpadalan Sponsorship
Sujit and Pinky Das- Darpadalan Sponsorship
Bhudeep and Munmun Pattanaik - Prasad sponsorship
Prafulla and Sangeeta Nayak - Prasad sponsorship
Anonymous donor - Prasad sponsorship
Sudip and Susmita Pattanaik - Prasad sponsorship
Gyana and Sujata Bohidar - Prasad sponsorship
Priti and Hemant Biswal - Nandighosa Sponsorship
Bandita and Nrusingh Misra - Nandighosa Sponsorship
Sulochana and Joy Gopal Mohanty -Nandighosa Sponsorship
Sandeep and Mausumi Pattanaik - Nandighosa Sponsorship
Bijay and Sinu Dash - Nandighosa Sponsorship
Bandita and Binod Nayak - Nandighosa Sponsorship
Nilambar and Anu Biswal - Nandighosa Sponsorship
Shashadhar and Meera mohapatra - Nandighosa Sponsorship
Devaraj and Urmila Sahu - Nandighosa Sponsorship
Pratap and Pinu Das - Nandighosa Sponsorship
Ram Nayak - Nandighosa Sponsorship
Jjinu and Santanu Chottray - Nandighosa Sponsorship
Santosh Nayak - Nandighosa Sponsorship
Pradeep and Sushmita Behera - Nandighosa Sponsorship
Manoj and Meeta Panda - Nandighosa Sponsorship
Pinaki and Kalpana Panigrahi - Nandighosa Sponsorship
Prasanna and Babita Nayak - Nandighosa Sponsorship
Ajit and Sovana Das - Nandighosa Sponsorship
Prakash and Manaswini Sahu - Nandighosa Sponsorship
Bikash and Dipti Mishra - Nandighosa Sponsorship
Dilip and Sudhira Pattanaik - Nandighosa Sponsorship
Subrat and Mitali Mohanty - Nandighosa Sponsorship
Debanand and Deepa Das - Nandighosa Sponsorship
Anonymous donor - Flower Sponsorship
Brahma and Sikha Sen - Flower Sponsorship
Surendra and Sukanti Ray - Flower Sponsorship
Manoj and Snigdha Mishra - Flower Sponsorship
Pramita and Shivraj Kanungo - Flower Sponsorship
Ajit and Barnali Sahu - Flower Sponsorship
Sikhanda and Tina Satpathy - Flower Sponsorship
Brahmapriya and Shikha Sen - Flower Sponsorship
Shashi bhusan Mohanty - Flower Sponsorship

Total amount received:

$5700

Expenses
Ratha improvement $ 557.50
Temple/priest - $850
Tent rental - $847
Food - $1425
Procession/music etc - $700
Decoration - $225.50

Total expenses - $4615

Holi 2013 Sponsors

1. Anonymous donor - Balabhadra sponsorship
2. Sudhir and Reema Raju - Balabhadra sponsorship
3. Bandita and Nrusingha Mishra - Subhadra sponsorship
4. Hemant and Priti Biswal - Jagannath sponsorship
5. Shashadhar and Meera Mohapatra - Jagannath sponsorship
6. Anu and Nilambar Biswal - Jagannath sponsorship
7. Lopa and Sudhansu Mohanty - Jagannath sponsorship
8. Urmila Mohapatra - Jagannath sponsorship
9. Urmila and Devaraj Sahu - Jagannath sponsorship
10. Lali and Gatikrishna Tripathy - Jagannath sponsorship
11. Sulochana and Joy Gopal Mohanty - Jagannath sponsorship
12. Dipti and Bikash Mishra - Jagannath sponsorship

As some of you have noticed there was printing error in Jogasutra III where the press had forgoten to put the advertisement. We thank following people for advertise their business in Jogasutra souvenir. Advertisement attached.

1. State Bank of India California
2. Bhvani Ghanta - Long Foster Realtor

Income:

Sponsorship: $1358
Chanda : $1360
Advertisement $300

Total income - $3018

Expenses: Temple - $1020
Souvenir printing - $1450
Food - $1370
Trophy/certificate -- $572
Light rental $160
Musician - $260
Paper products - $152
Decoration - $50

Total expenses - $5034

Net income - ($2016) (negative balance)

Bhajan Program sponsors: We thank all the families for regularly participating in bhajan program activities. Bhajan program consists of group bhajan singing, Arati, discussion and Prasad. On eventful occasions, special traditions are followed. **(Note: All the bhajan participants are requested to bring their JOGASUTRA book to the bhajan program to sing along group bhajans. If you have not received a book, please let us know.)** Our heartfelt thanks to the following families for sponsoring feasts on different months:

Lalit and Hema Behera, MD
Hemant and Priti Biswal, VA
Shantanu and Jhinu Chhotray, VA
Prafulla and Sangeeta Nayak, VA
Gyana and Sujata Bohidar, VA
Prafulla and Dharitri Mishra, MD
Joydeep and Dharitri Banerjee, MD
Gati and Lali Tripathy
Pratap and Pinu Das, Md
Abani and Debasmita Patra, MD
Biswa and Rosy Mohapatra, MD

JOGA takes this opportunity to thank the temple committee members of Hindu Temple and the priests and volunteers for the success of monthly bhajan programs as well as other events. Temple priests Pitambar Dutt Sharmaji and Ram Narayan Shashtriji have been very resourceful.

Wise Thoughts:

Budhha
"We are what we think. All that we are arises with our thoughts. With our thoughts, we make the world."
"To live a pure unselfish life, one must count nothing as one's own in the midst of abundance."

Leo Tolstoy
The only thing that we know is that we know nothing and that is the highest flight of human wisdom.

Emmett Fox
Life is a state of consciousness.

ସକାଳ ସୂର୍ଯ୍ୟର ସୁନେଲି ରଙ୍ଗ ଭଳି ସୁନେଲି ସ୍ୱପ୍ନଟିଏ ମନକୁ ଉତ୍ସାହିତ କରି ରଖିଥାଏ; ସୁଯୋଗକୁ ଅପେକ୍ଷା କରି ରହିଥାଏ; କେବେ ସତରେ ସେ ଦିନଟି ଆସିବ, ସ୍ୱପ୍ନଟା ସତ୍ୟ ହୋଇଯିବ, ଫୁଲଟିଏ ଫୁଟିଯିବ, ମହକରେ ଭରିଦେବ ମନପ୍ରାଣ । କିଏ ଜାଣେ, ବାସ୍ତବତାଟା ସତେ ଏତେ ନିଷ୍ଠୁର ହୋଇଯିବ? ନିଜର ଲକ୍ଷ୍ୟସିଡିର ସବୁ ପାହାଚ ଚଢିସାରି ଶେଷ ପାହାଚ ଚଢିବାବେଳକୁ ଆସିଯିବ ଆଉ କିଏ ଜଣେ ଧୂମକେତୁ ସାଜି, ଫିଙ୍ଗିଦେବ ଗୋଳାବାରୁଦ ଭରି ବିସ୍ଫୋଟକ ଟିଏ, ଆଉ ସବୁଦିନ ପାଇଁ କାହାର ସ୍ୱପ୍ନ ହୋଇଯିବ ଛାରଖାର । ହେଲେ ଏମିତି ସବୁ ଦୁଃଖ ଭିତରେ ବି କେତେ ମଣିଷ ନୂଆ ଜନ୍ମ ପାଇଯାଆନ୍ତି; କେଉଁ ଆଲୌକିକ ଶକ୍ତି ସେମାନଙ୍କୁ ଘଣ୍ଟି ଘୋଡାଇ ରକ୍ଷାକରେ । ସେମାନେ ଈଶ୍ୱରଙ୍କ ସତ୍ତା ଅନୁଭବ କରନ୍ତି ଓ ସେଇ ଅନୁଭବକୁ ପାଥେୟ କରି ଭକ୍ତିମାର୍ଗରେ ନିଜକୁ ଉତ୍ସର୍ଗ କରିଦିଅନ୍ତି । ଏମିତି ସବୁ ଅନୁଭବ ଓ ଆବେଗକୁ ନେଇ ଚିରନ୍ତନର ଏ ବିଶେଷ ବିଭାଗ, 'ଉନ୍ମୋଚନ'ର ପରିପାଳନର ପ୍ରଚେଷ୍ଟା ଆମେ କରିଆସୁଛୁ ।

୨୦୧୩ ମସିହା ଏପ୍ରିଲ୍ ମାସ ସତେଇଶ ତାରିଖରେ ୱାସିଂଟନ୍ ଡିସି ଅଞ୍ଚଳରେ ତୃତୀୟ ଥର ପାଇଁ ଯୋଗ ସଂସ୍ଥାନ ତରଫରୁ କବିତାପାଠର ଆୟୋଜନ କରାଯାଇଥିଲା । ମୁଖ୍ୟ ଆୟୋଜକ ଭାବେ ଶଶଧର ମହାପାତ୍ର ଏ କବିତାପାଠର ପରିଚାଳନା ଅତି ସୁଚାରୁରୂପେ ସଂପନ କରିଥିଲେ । ସେଇଥିରୁ କିଛି କବିତାକୁ ନେଇ ଆମର ଏ ସ୍ୱତନ୍ତ୍ର ବିଭାଗକୁ ଆମେ ଆପଣମାନଙ୍କୁ ଭେଟି ଦେଉଛୁ ।

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ
ସେପ୍ଟେମ୍ବର୍ ୯, ୨୦୧୩

ସୂଚୀପତ୍ର

ଭାଗ୍ୟଚକ୍ର ଘୁରୁଛି	ଶଶଧର ମହାପାତ୍ର
୯ ହେଉଛି ଭୁବନେଶ୍ୱର	ଶଶଧର ମହାପାତ୍ର
ଜୀବନଧାରା	ସରୋଜିନୀ ମହାରଣା
ଉତ୍କଳ ଦିବସ	ସରୋଜିନୀ ମହାରଣା
ଝୁମୁକା	(ପାଠିକା, ଦେବସ୍ମିତା ପାତ୍ର)
ଶୂନ୍ୟଭାବନାର ପୂର୍ଣ୍ଣଛବି	ବିଜ୍ଞାନୀ ଦାସ
ବିଶ୍ଳେଷଣ	ଝିନୁ ଛୋଟରାୟ

ଭାଗ୍ୟଚକ୍ର ଘୁରୁଛି

ଶଶଧର ମହାପାତ୍ର, ସିଲ୍‌ଭର୍ ସ୍ପ୍ରିଙ୍ଗ୍, ମେରୀଲାଣ୍ଡ

ବାରମ୍ବାର ମୋ ଭାଗ୍ୟକୁ ନିନ୍ଦୁଛି,
ବାରମ୍ବାର ଈଶ୍ୱରଙ୍କୁ ଡାକୁଛି,
ଯେତେପାର ସେତେ ଗାଳି କରୁଛି,
ତଥାପି କ'ଣ ବଦଳେଇ ପାରିଲି
ମୋ ଭାଗ୍ୟର ଗତିପଥ ?
ସେ ପରା ଅଣଲେଉଟା ରୁକୁଣା ରଥ,
ସେ ପରା ନିୟତିର ହାତ ।

ଅଭାବ ଯେମିତି ଘେରି ରହିଛି
ମୋ ଚାରିପାଖରେ,
ମୋ ଚିନ୍ତାରେ, ଚେତନାରେ, ସ୍ୱପ୍ନରେ,
ସାରା ଜୀବନ ମୋ' ସହ ବସାବାନ୍ଧି ରହିଛି,
ମୋ ଜୀବନ ସହ କେତେ ଖେଳ ଖେଳୁଛି,
ଯେତେ ଗାଳି ଗୁଲଜ କଲେବି
ତଥପି କ'ଣ ହଟେଇ ପାରିଲି ଅଭାବ ?
କ'ଣ ବଦଳେଇ ପାରିଲି ତା' ଗତିପଥ ?
ସେ' ପରା ନିୟତିର ହାତ ।

ବାରମ୍ବାର ଯେତେ ଆଦେଶ, ଉପଦେଶ ଦେଲେ
ତଥାପି କ'ଣ ବଦଳେଇ ପାରିଲି
ମୋ ପିଲାଙ୍କ ଭବିଷ୍ୟତ ?
ବଦଳେଇ ପାରିଲିକି ତାଙ୍କ
ଦୈନନ୍ଦିନ କାଟୁଥିବା ମୁହୂର୍ତ୍ତ ?
ସେ ପରା ନିୟତିର ହାତ
ଆଜିକା ପିଲା,
ଯେଝା ହାତରେ ଯେଝା ଚଉଦପା,
ଯାହା କହିଲେ
ଏ କାନରେ ପଶି ସେ କାନରେ ଯା,

ଚୂପ୍ ନରହି ଖୋଯୁଥିବେ ଖୁଅ,
ଯୁକ୍ତି ବାଢିବାକୁ,
କଥାରେ କଥା କାଟିବାକୁ
ସବୁବେଳେ ପ୍ରସ୍ତୁତଥାଏ ଝିଅ,
ସଫେଇ ଦେବାକୁ
ସଦା ତିଆର ଥାଏ ପୁଅ,
ଆମେ କ'ଣ ଦିନେ ପିଲା ନଥିଲେ ?
ତୁମେ କ'ଣ କହୁଛ କୁହ ?
କେତେ ଚେଷ୍ଟାକରିଛି ବୁଝେଇବା ପାଇଁ
କ'ଣ ବୁଝେଇ ପାରିଲି ?
ବୁଝେଇ ପାରିଲିନାହିଁ ବୋଲି
ବହୁତ ଅବଶୋଷ କଲି ।

ଠିକ୍ ପଚିଶ ବରଷ ପୁରୁପୁରୁ
ସଂସାର ଆରମ୍ଭ କରିବାକୁ ମୋତେ
ବାରମ୍ବାର କହିଲା ବୋଉ,
କହିଲା, ଘରକୁ ଆଣନ୍ତୁନି ଗୋଟିଏ ବୋହୁ?
ଶୁଣିକି ଶୁଣିଲିନି
ତା' କଥା ମାନିଲିନି
ଏମିତି ଦି ବରଷ ବିତିଗଲା
ଦିନେ ଧମକ ଦେଲା
ଆତ୍ମହତ୍ୟା କରିଦେବ ବୋଲି କହିଲା
ବାଧ୍ୟହୋଇ ତା' କଥା ମାନିଲି
ଆଉ ଉପାୟ ମୋ ପାଖରେ ନଥିଲା
ଏବେ ଅଖା ଧୋଉଛିତ, ଗୁଣ ଗାଉଛି
ଲୁଚି ଲୁଚି କାନ୍ଦୁଛି,
ଅଦେଖା ଘାଆ, ନା ଲୁଚେଇ ହେଉଛି
ନା ଦେଖେଇ ହେଉଛି,
ସଂସାରରୂପୀ ଚକ୍ରବ୍ୟୂହ ଭିତରେ

ଯାହା ମୁଁ ପଶିଯାଇଛି,
ନା ରାସ୍ତା ଖୋଜି ବାହରି ପାରୁଛି,
ଅଷ୍ଟମଙ୍ଗଳା ଯାଇଛି କି ନାହିଁ
ବୋହୁ ଯାଇ ପହଞ୍ଚିଲା ଭୁବନେଶ୍ୱର,
ବୋହୁଙ୍କର ଦେଖିବ ନବ କଳେବର,
ସଂସାରର ମୂଳଦୁଆ ପତୁ ପତୁ
ବୋଉ ଯାଇଥିଲା ଆରପାର,
ଉପରବାଲା ଉପରୁ ବଢେଇଦେଲା
ତା' ଶକ୍ତ ଲମ୍ବା ହାତ,
ସେ' ପରା ନିୟତିର ହାତ ।

ପିଲାଦିନେ ବୋଉ ଟାଣିଥିଲା
ଆମ ଭାଇଭଉଣୀଙ୍କପାଇଁ ଲକ୍ଷ୍ମଣରେଖା
ବିରାତି ବେକରେ ବାନ୍ଧିଲା ଘଣ୍ଟ
କଥା ନମାନିଲେ ବାଜିଲା ଛାଟ
କହିଥିଲା- ଏପଟେ ପାପ, ସେପଟେ ପୁଣ୍ୟ
ଏପଟେ ହାର୍, ସେପଟେ ଜିତ୍
ଏପଟେ ମିଛ, ସେପଟେ ସତ
ଏପଟେ ଅନ୍ୟାୟ, ସେପଟେ ନ୍ୟାୟ
ଏ ଶିକ୍ଷାଦେବା ଦାଇତ୍ୱ ମୋର, ନିର୍ଣ୍ଣୟ ତୁମର
ତା' ପରେ ହଠାତ୍ ବଦଳିଗଲା ପୃଥିବୀ
ବଦଳିଗଲୁ ଆମେ ସବୁ ଭାଇ ଭଉଣୀ
ବଦଳିଗଲା ଆମ ଘର କାହାଣୀ

ମାଆ ମନ,
କେତେଯେ ଜୀବନତମାମ ଶିଖେଇଛି,
କେତେଯେ ଭଲ ପାଇଛି,
କେତେଯେ ଲୁହ ଝରେଇଛି
ମୁଁ ବିଦେଶ ଆସିବା ଦିନ,
କହିଥିଲା - ତୁ ଚାଲିଯିବୁ,
ମୁଁ ଆଉ ଦେଖିପାରିବି ନାହିଁ ଧନ
ବିଦେଶରୁ ଫେରିବି,
ବଞ୍ଚିଥିବୁ, ନିଷ୍ଚୟ ଦେଖିବି,
ଏ ବାକ୍ୟ ନହୋଇବ ଆନ,
ଏ ପ୍ରତିଶ୍ରୁତି ଦେଇଥିଲି
ମୋ' ବୋଉକୁ ଆସିବା ଦିନ,
ଇଛାଥିଲା ଦେଖିବି ତା' ଶେଷ ମୁହୂର୍ତ୍ତକୁ,
ଭରପୁର ଉପଭୋଗ କରିବି ତା ଭଲପାଇବାକୁ,
ନା ଲିଭେଇପାରିଲି ତା' ଆଖିର ଲୁହ ?
ନା ଲିଭେଇପାରିଲି ତା' ମନରୁ କୋହ ?
ନା ଦେଖିପାରିଲି ସେ ଶେଷ ମୁହୂର୍ତ୍ତ ?
ନା ବଦଳେଇ ପାରିଲି ମୋ ଭାଗ୍ୟର ଗତିପଥ ?
ସେ' ପରା ନିୟତିର ହାତ
ଭାଗ୍ୟଚକ୍ର ଘୁରୁଛି
କେଉଁଠି ଖାଲ, କେଉଁଠ ଢିପ
ଛାଡିଯାଏ ଅନେକ ମନସ୍ତାପ ।

ଏ ହେଉଛି ଭୁବନେଶ୍ୱର
(ପ୍ରଥମ ଭାଗ)

ଶଶଧର ମହାପାତ୍ର, ସିଲ୍‌ଭର୍ ସ୍ପ୍ରିଙ୍ଗ୍, ମେରୀଲାଣ୍ଡ

ଏ ହେଉଛି ଭୁବନେଶ୍ୱର
ଓଡିଶାର ରାଜଧାନୀ, ମନ୍ଦିରମାଳିନୀ,
ଏଠି ମନ୍ଦିର କାନ୍ଥ ବାଡରେ
ଲେଖା ଅଛି ଅନେକ କାହାଣୀ,
କଳା, ଭାସ୍କର୍ଯ୍ୟର ପୀଠ ଭୁବନେଶ୍ୱର

ବାହାରୁ ଦିଶେ ଖୁବ୍ ଚିକ୍‌କଣ, ସୁନ୍ଦର
ଏ ହେଉଛି ମୋହ, ମାୟା ଓ
ସ୍ୱପ୍ନର ସହର,
ଏଠି ସମସ୍ତେ ସ୍ୱପ୍ନରେ ବିଭୋର
ଏଠି ସ୍ୱପ୍ନ ହଜେ, ଜନ୍ମନିଏ ବାରମ୍ବାର

ଏଠି କିନ୍ତୁ ଅଭାବ ସ୍ନେହର, ଶ୍ରଦ୍ଧାର,
ଭକ୍ତିର, ଭଲପାଇବାର

ଏଠି ସୂର୍ଯ୍ୟ ଉଇଁଲେ
ଚଳ, ଚଞ୍ଚଳ ହୋଇଉଠେ ଭୁବନେଶ୍ୱର
ଏଠି ସକାଳୁ ସଞ୍ଜ ନିଜ ଧନ୍ଦାରେ ଧାଆନ୍ତି
ବାସିନ୍ଦା ଏ ସହରର
ଏଠି ଟ୍ରାଫିକ୍, ବସ୍, ଟ୍ରେନ୍‌ରେ
ଦେଖିବ ଭୀଷଣ ଭିଡ,
ଏଠି ଜୋର୍ ଯାହାର ତାହାର ଦେଖିବ ତୋଡ
ଏଠି କେତେ ଘଟଣା, ଦୁର୍ଘଟଣା ଘଟିଯାଏ ନିତିଦିନ
ଏଠି ନିତି ହୁଏ ମନ୍ତ୍ରୀମାନଙ୍କଦ୍ୱାରା ଶୁଭ
ଉଦ୍‌ଘାଟନ
ଏଠି ନେତାମାନେ ସଭାରେ ଦିଅନ୍ତି ଉଦ୍‌ବୋଧନ
ଏଠି କାନ୍ଥବାଡରେ ଅଛି କାନ
ଏଠି ନିତି ଚାଲେ ରାଜନୀତି
ଏଠି କଥାରେ, କାମରେ ଅନୀତି
ଏଠି ନିତି ଚାଲେ ହଟ୍ଟଗୋଳ, ହରତାଳ
ଏଠି କଥା କଥାରେ ଅବସ୍ଥା ଅସମ୍ଭାଳ
ଏଠି ନାଲୀବତିପାଇଁ ଚାଲେ ଛକା ପଞ୍ଝା ଖେଳ
ଏଠି କାହାକୁ କେମିତି ସମ୍ଭାଳୁଛ ସମ୍ଭାଳ

ଏଠି ଶାସନର କଳ ଭାଇ ନିହାତି ହୁଗୁଳା
ଏଠି ପୋଲିସ୍ ଆଠ କଳାକୁ ଚୋର ଷୋଳ କଳା
ଏଠି ଅରାଜକତା ଚାଲୁଅଛି ପ୍ରତି ନଗରରେ
ଏଠି କୁଶାସନ ଚାଲେ ଆଜି ଗଣତନ୍ତ୍ର ନାଁରେ
କିଏ କହେ କୌରବତ କିଏ କହେ ପାଣ୍ଡବ
ଜଣକୁ ଜଣ ଭାଇ ସବୁ ଜରଦ୍‌ଗବ
ସହରରେ କେତେ ଦୁଃଶାସନ ବୁଲୁଛନ୍ତି
ଦ୍ରୌପଦୀ ଦେଖିଲେ ତାଙ୍କ ବସ୍ତ୍ର ଭିଡୁଛନ୍ତି
କିଛି ହେଲେ ମାଓବାଦୀ ଉପାସରେ ରହି
ଜୀବନ କାଟନ୍ତି ସର୍ବେ ଜଙ୍ଗଲରେ ଥାଇ
ହରାଇଲେ ଘରଦ୍ୱାର ମାଓବାଦୀ ଭାଇ
ସରକାର ପ୍ରତିଶ୍ରୁତି ଧୂଆଁରେ ମିଶଇ

ଯେଉଁ ହାତ ଧରିଥାନ୍ତା କଲମ ହାତରେ
ସେହି ହାତ ଭରିଅଛି ଗୋଳା, ବାରୁଦରେ
ବନ୍ଧୁକ ଧରିଣ ହାତେ ହୋଇଣ ନିର୍ଦ୍ଦୟ
ମାରୁଛନ୍ତି ଜନତାଙ୍କୁ ନକରି ସେ ଭୟ
ଏ ଆମ ଶିକ୍ଷା ଓ ସଂସ୍କୃତି
ଔଷଧ ରାଗରେ ଆମେ
ତାଟିଆ କାମୁଡନ୍ତି

ଏଠି ରାଜମହଲ ଛକରୁ, ବିଧାନସଭା ଯାଏ
ସବୁଦିନେ ଶୁଭେ 'ଜିନ୍ଦାବାଦ୍' ଓ
'ମୁର୍ଦ୍ଦାବାଦର ସ୍ୱର
ଏଠି ପୋଲିସ୍ ଡରରେ ହୁଏ ଥରହର
ଏଠି ସମାବେଶ ପରେ ସମାବେଶ
କେତେବେଳେ ଶିକ୍ଷକ ଓ କୃଷକର ତ
କେତେବେଳେ ନାରୀ ଓ ଯୁବ ସମାବେଶ
ଏଠି ସରକାରଙ୍କ ଉପରେ ଅତି ଅବିଶ୍ୱାସ
ଏଠି ମଣିଷ ହରାଇଛି ମଣିଷ ଉପରେ ବିଶ୍ୱାସ

ଏ ହେଉଛି ମାଫିଆ ଓ କଣ୍ଟ୍ରା□ରମାନଙ୍କର ସହର
ଏଠି ଟେବୁଲ୍ ତଳେ ଦିନରେ ଚାଲେ କାରବାର
କୋଟି କୋଟି କଳା ଟଙ୍କାର ହେର୍‌ଫେର୍
ଏଠି ରାଜ୍‌କରେ ଖଣି ମାଫିଆଙ୍କର ସର୍କାର
ଏଠି ସଞ୍ଜବେଳେ ଅଟୋ ଚାଳକ
ଧର୍ଷଣ କରେ ପାସେଞ୍ଜର
ଏଠି ବନ୍ଧୁକର ଗୁଳି ହୃଦୟକୁ ବିନ୍ଧକରେ
କାହାର ନା କାହାର
ଏଠି ନିତି ଚାଲେ ନାରୀ ନିର୍ଯ୍ୟାତନା, ବ୍ୟଭିଚାର
ଏ ହେଉଛି କନ୍ୟା ଭ୍ରୁଣହତ୍ୟାର ସହର
ଏଠି ମଣିଷ ବଞ୍ଚିଥାଇ କି ମୁର୍ଦ୍ଦାର

ଏଠି ଦିନ ଦ୍ୱିପ୍ରହରରେ ହୁଏ ହତ୍ୟା
ଏଠି ଭୋକିଲା ସାଧାରଣ ଜନତା
ଠାକୁରଙ୍କୁ ଖାଇ ଖଟୁଳି ଖାଆନ୍ତି ନେତା
ନେତା କାହା ମୁଣ୍ଡରେ ଦେଖାନ୍ତି ଛତା

କାହାକୁ ମାରନ୍ତି ଚିତା
ବଡ ମୁଖିଆଙ୍କ ମୁଣ୍ଡରେ ଚିନ୍ତା
ଏଠି ନେତାମାନେ ଚାଲାକ, ଚତୁର
ଗଣିପାରନ୍ତି ଉଡନ୍ତା ଚଢେଇର କେତେ ପର
ଏଠି କଂସାରୀ ଘରର ପାରା ସବୁ ମନ୍ତ୍ରୀ
ତାଙ୍କ ପୁଅ ଆଉ ନାତି,
ସୀମା ଲଘିଂଅଛି ଭାଇ ତାଙ୍କ ପ୍ରିୟା ପ୍ରୀତି

ଏଠି କ୍ଷୀରରେ ପାଣି ମିଶେନି
ପାଣିରେ ମିଶେ କ୍ଷୀର
ଏଠି ପିଆଜ କିଲୋ ବଢି ହୁଏ
ଷାଠିଏ ଟଙ୍କା ଦର
ଏଠି ପେଟ୍ରୋଲ ଦାମ୍ ମାସରେ ବଢେ
ଚାରି ଟଙ୍କା ଲିଟର
ଏଠି ଶତ ଶତ ଯୁବକ ହେଲେଣି ବେକାର
ଏଠି ଦିନ ଦ୍ୱିପ୍ରହରେ ଦୁର୍ବୃତ୍ତ ଲୁଟେ
କାହା ବେକରୁ ହାର
ଏଠି ପଥହୁଡା ଆମ ଯୁବକ ସମାଜ
ଏଠି ଭେଷଭୁଷାରେ ନାହିଁ ଲାଜ
ଏଠି ଚାଲିଛି ନାରୀ ଜାଗରଣ
ଏଠି ଏସିପି ସାଗରିକା ହାତରେ
ତୋପ ଓ କମାଣ
ଏଠି ପ୍ରଗତି ନାଁରେ ଚାଲେ ଦୁର୍ନୀତି
ଏଠି ଭଡାଟିଆ ଲୋକଙ୍କୁ ନେଇ ଚାଲେ
ସଭା ସମିତି,
ସଭାକୁ କେତେ ଆସିଲେ କରନ୍ତି ସଂଖ୍ୟା ଗଣତି
ନେତାଏ ଭାଷଣରେ ଦେଖାନ୍ତି ତାଙ୍କର କରାମତି
ଛାପନ୍ତି ସମାଜ, ସମ୍ବାଦ, ଧରିତ୍ରୀ

ଏଠି ନାହିଁ କିଛି କଳ କାରଖାନା
ଏଠି ଉଡୁଛି ତ୍ରିରଙ୍ଗା ବାନା
ସ୍ୱାଧୀନ ଦିବସେ ଯେତେ ଝିଙ୍କୁଥିଲେ
ଏଠି ଜମାରୁ ଖୋଲେନି କନା
ଏଠି ଗାନ୍ଧୀମୂର୍ତ୍ତୀ ଭାସେ ଭାଇ ନର୍ଦ୍ଦମା ପାଣିରେ
ଗଣତନ୍ତ୍ର ହତ୍ୟାହୁଏ ବିଧାନ ସଭାରେ
ଏଠି ଗାନ୍ଧୀ, ଗୋପବନ୍ଧୁ, ଜୟଦେବଙ୍କ ନାଁରେ
ନାମିତ ନଗର
ଏଠି ବିନା ଲାଇସେନ୍ସରେ ଡ୍ରେନ୍ ଉପରେ
ଘର ତୋଳିଛି ବିଲ୍ଡର
ଏଠି ବେଙ୍ଗ ମୁତିଲେ କୃତ୍ରିମ ବନ୍ୟାଯେ ହେଉଛି
ହେ ଭାଇ, ଏଠି କିଏ କାହା କଥାଯେ ଶୁଣୁଛି
ଏଇତ ଆମର ସଭ୍ୟତା
ପରକୁ ଦୋଷଦେଇ ଆମେ ହେଉ ଜିତା

ଏଠି ରାଜୁତି କରନ୍ତି କିରାଣୀ
ଏଠି ବିନା ଲାଞ୍ଚରେ ଫାଇଲ୍ ଗଡେନି
ଏଠି ନିଜ ପେନ୍ସନ୍ ପାଇଁ ଦିଅ ଲାଞ୍ଚ
ନିଜ ଭତ୍ତାପାଇଁ ଦିଅ ଲାଞ୍ଚ
ଏଠି ସ୍ୱାର୍ଥପାଇଁ ପଡିଶା
ସୁଲୁକେଇ ମାରେ ପେଞ୍ଚ
ଏଠି କଳାକୁ ଧଳା,
ଧଳାକୁ କଳା କରେ ପଇସା
ଏଠି ଲାଞ୍ଚ ଦେଇ ସୁଦ୍ଧା କାମ ହୁଏନାହିଁ
ଯେତେ ଡାକୁଥିଲେ ମଉସା
ଏଠି ଜଗନ୍ନାଥ ଖାଲି ଭରସା
ଏଠି କଥାରେ କଥାରେ ସେବା
ନାହିଁ କିଛି କାମରେ,
ଏଠି ଭାଷଣ ବହୁତ ଶସ୍ତା
ନାହିଁ ଜୋର୍ ଦମ୍‌ରେ,

ଏଠି ବିପିଏଲ୍‌ମାନଙ୍କୁ
ଟଙ୍କାରେ ମିଳଇ ଚାଉଳ
ଏଠି ତେଲ, ଲୁଣ କିଣିବାକୁ
ପାଖରେ ନାହିଁ ସମ୍ବଳ
ଏଠି ବାସି ପଖାଳକୁ ମିଳୁନି
ଫଟାଏ ଆମ୍ବୁଲ
ଏଠି 'ଢୋକେ ପିଇ ଦଣ୍ଡେ ଜୀଇ'
ସମସ୍ତଙ୍କପାଇଁ ଭଲ

ଏଠି ଡାଲି, ମସଲା, ପନିପରିବା
ସବୁ ହେଲାଣି ମହରଗ
ଏଠି ରୋଜଗାରଥାଇ ତଥାପି
ବସ୍ତିଲୋକେ ଗରିବ
ଦାଦା ବଟି ପାଇଁ ପିଠିରେ
ବସଇ ଉଦ୍ଧବ
କାନମୁଣ୍ଡା ହୁଏ ଝାଇଁ ଝାଇଁ କାହାର
ଉପାସ ଭୋକରେ ରହି
କିଏ ଶୂନ୍ୟକୁ ଚାହିଁ ଭାଗ୍ୟକୁ ନିନ୍ଦୁଛି
କିଏ ମାରୁଅଛି ହାଇ

ଏଠି କିଏ ମେଫ୍ଲୋୟାର, ସ୍ୱପ୍ନପୁରୀ ଭଳି
ହୋଟେଲ୍‌ରେ କାଟୁଛି ଅଳସ
ଏଠି କିଏ ରାତି କାଟେ ଷୋଡଶୀ ସଙ୍ଗେ
ପିଇ ବିଦେଶୀ ସୋମରସ
ଏଠି ବସ୍ତି (ମାଳିସାହି) ଜଳିଗଲେ ରହେ ଖାଲି
ମୁଠାଏ ପାଉଁଶ
ଏଠି ଚାରିଆଡେ ହନ୍ତସନ୍ତ
ଭୋକିଲା ମଣିଷ
ଏଠି ହତଭାଗ୍ୟ ଛାଡେ ଖାଲି
ଘନ ଘନ ଦୀର୍ଘଶ୍ୱାସ
ଏଠି ସର୍ବହରା ଖଟୁଥାଏ ଦିନରାତି
ପୋଷିବାକୁ ପେଟ
ଏଠି ନେତାମାନେ ବାଣ୍ଟିଥାନ୍ତି ଅର୍ଥ ଓ କମ୍ବଳ
କିଣିବାକୁ ଭୋଟ

ଏଠି କିଏ ବଞ୍ଚିବାର ସଂଗ୍ରାମରେ
ପାଉଥାଏ ଅନେକ ଯନ୍ତ୍ରଣା
ଏଠି କିଏ ପାଏନାହିଁ
ତା' ନ୍ୟାଯ୍ୟର ପାଉଣା
ଏଠି କିଏ ବନ୍ଧୁକ ମୂନରେ ଚୋରିକରେ
ସୋ' ରୁମରୁ ସୁନାର ଗହଣା
ଏଠି ବସ୍ତିପିଲା ଧରିଅଛି ହାତେ ଏକ ଗିନା
ପେଟଯାଏ ତା'ର ପଶି, ନାହିଁ ମୁଠାଏ ଦାନା
ଦେହେ ନାହିଁ ଘୋଡାଇବାକୁ ଖଣ୍ଡେହେଲେ କନା
ଲମ୍ବା ଲାଇନ୍‌ରେ ଛିଡା ହେଇଛି ଖାଇବାକୁ
ରେଡ୍‌କ୍ରସ (ଦାନଛତ୍ର) ଖାନା

ଏଠି ପରୀକ୍ଷା ପ୍ରଶ୍ନପତ୍ର ଚୋରିହୁଏ
ଅର୍ଥର ଲୋଭରେ,
ଏଠି ତିନିଲକ୍ଷ ଲାଞ୍ଚନିଏ ସୁପେରିନ୍‌ଟେଣ୍ଡେଣ୍ଟ ଘରେ
ଏଠି ଶିକ୍ଷା ଅନୁଷ୍ଠାନ ସବୁ ବ୍ୟବସାୟ କେନ୍ଦ୍ର
ଏଠି ଛାତ୍ରନେତା ଭାବୁଥାନ୍ତି ନିଜକୁ ଦେବେନ୍ଦ୍ର
ଏଠି ପଇସା ଫୋପାଡି ଦେଲେ ମିଳଇ ଡିଗିରି
ଏଠି ପ୍ରାଇଭେଟ୍ କଲେଜ ହେଉଛି କାହାକୁ ପଚାରି
?
ଏଠି ଚାରିଆଡେ ଛତୁଫୁଟେ କୋଚିଙ୍ଗ୍‌ସେଣ୍ଟର
ଏଠି ଫି ଗଣି ଗଣି ଭଲ ଲୋକଙ୍କୁ ହୁଏ ଜର
ଏ ଆମର ଶିକ୍ଷାର ବ୍ୟବସ୍ଥା
ହନ୍ତସନ୍ତ ହେଉଅଛି ନିରୀହ ଜନତା

ଜୀବନ ଧାରା

ସରୋଜିନୀ ମହାରଣା, ଫ୍ଲୋରିଡା

କୋଟି କଳ୍ପନାର ଆଛନ୍ନ ମୁଦ୍ରାରେ ଜଡିତ ଏ ବାଲ୍ୟକାଳ
ସ୍ୱଚ୍ଛ ପବିତ୍ରର ଶବ୍ଦହୀନ ଓଠେ ଅସରନ୍ତି ପଂକ୍ତି ମାଳ
ବାଲ୍ୟ ଚପଳତା ବାତ୍ସଲ୍ୟ ମମତା ସପନର ବାଲିଘର
ମାତୃ ପ୍ରାଣର ନିବିଡ ଉଷ୍ମତା ସ୍ମୃତିର ଅଲିଭା ଗାର

ଯଉବନେ ଯେବେ ପଦାର୍ପଣ କଲି ରାଗ ମହ୍ଲାର ତୋଳି
ହୃଦେ ବିକଶିଲା ବସନ୍ତ କୁସୁମ ନରମ ପାଖୁଡା ମେଲି
ମୁଦ୍ରିତ ନୟନେ ମଳୟ ଲଗନେ ସ୍ୱପ୍ନର ବାରିଧାରା
ମୁଗ୍ଧ ଅନୁଭବେ ସ୍ପର୍ଶ ଦେଇଗଲା ପ୍ରେମର ପ୍ରଭାତୀ ତାରା
ମନ ବନାନୀରେ ଝଙ୍କାରୀତ ହେଲା ମଧୁ ସଙ୍ଗୀତର ସ୍ୱର
ରକ୍ତିମ ଓଠରେ ପ୍ରସ୍ଫୁଟିତ ହେଲା ଶୁଭ୍ର ଜୋଛନା ଧାର

ଗୋଧୁଳି ବେଳାରେ ଆବିଷ୍କାର କଲି ଅନ୍ୟ ଏକ ରୂପାନ୍ତର
ମହାର୍ଘ ସମୟେ ସଙ୍ଗିନୀ ହେଲି ମୁଁ ପ୍ରେମଭରା ହୃଦୟର
ସୂକ୍ଷ୍ମ ଭାବନାର ପର୍ଣ୍ଣ କୁଟୀରରେ ମୁହିଁ ରାଜ ରାଜେଶ୍ୱରୀ
ସ୍ନିଗ୍ଧ ଗୁଞ୍ଜରଣେ ଗୁଞ୍ଜରିତ କଲି ପ୍ରେମ ସୁଧା ଧାରା ବାରି
ଜୀବନ ଛନ୍ଦରେ ମାନ ଅଭିମାନ ମଧୁର ପ୍ରେମ ତରଙ୍ଗ
ପ୍ରତି ଜୀବକୋଷେ ଆଙ୍କି ଦେଇଗଲା ନୂତନ ଅସ୍ତିତ୍ୱ ରଙ୍ଗ

ଆଜି ଅପରାହ୍ନେ କୁଞ୍ଚିତ କପାଳେ ଆବେଗ ବାର୍ଦ୍ଧକ୍ୟ ଗାର
ବିଲିନ ହୋଇଛି ଆସକ୍ତିର ଦୀପ ହୃଦ କନ୍ଦରରୁ ମୋର
ଅସୁମାରୀ ପ୍ରାପ୍ତି ହୀନ ଅପୂର୍ଣତା ସ୍ମୃତିର ସ୍ମାରକୀ ମାତ୍ର
ନିଃସଙ୍ଗ ମୁହୂର୍ତ୍ତେ ଜର୍ଜରୀତ ହୁଏ ଶୂନ୍ୟ ଜୀବନ ପାତ୍ର
ଚତୁର୍ଦ୍ଦିଗେ ଦିଶେ ନିବିଡ ଅନ୍ଧାର ଅଦୃଶ୍ୟ ରଶ୍ମି ରେଖା
ନିବିଡ ଆଶ୍ଲେଷେ ସମର୍ପିତ ଆଜି ଜୀବନର ଶେଷ ଶିଖା ।

ଉତ୍କଳ ଦିବସ

ସରୋଜିନୀ ମହାରଣା, ଫ୍ଲୋରିଡା

ଆମେରିକା ଦେଶେ ଫ୍ଲୋରିଡା ପ୍ରଦେଶେ
ଯେତେ ଓଡିଆ ସନ୍ତାନ
ପାଳନ କରନ୍ତି ହୋଇ ଏକତ୍ରିତ
ଉତ୍କଳର ଜନ୍ମଦିନ

କେତେ ମହାରଥୀ ବଳିଦାନ ଦେଇ
ଓଡିଶାକୁ ଦେଲେ ମାନ
ତ୍ୟାଗ, ସାଧନାର ଫଳଭୋଗୁ ଆମେ
ଦେଉ ତାଙ୍କୁ ସନମାନ

ପ୍ରଭୁ ଜଗନ୍ନାଥ ବିଜେ ପୁରୀ କ୍ଷେତ୍ରେ
କରୁ ତାଙ୍କ ଜୟଗାନ
ସେହି ଓଡିଶାରେ ଜନମ ହୋଇଣ
ନିଜକୁ ମଣୁଛୁ ଧନ୍ୟ

ଲୀଳାମୟଙ୍କର କି ଲୀଳା କେଜାଣି
ପାରେନି ମୁଁ କେବେ ବୁଝି
ଆସନ୍ତି ଭକତ ଦୂର ବିଦେଶରୁ
ତାଙ୍କ ପ୍ରେମେ ହୋଇ ମଜ୍ଜି

ବଡ ଶରଧାରେ ସଭିଏଁ ବନାନ୍ତି
ଛପନ ପ୍ରକାର ଭୋଗ
ଶ୍ରଦ୍ଧା, ଭକ୍ତି ହୃଦେ ରଥ ଟାଣିଥାନ୍ତି
ବଡ ଦାଣ୍ଡେ ଭକ୍ତ ବର୍ଗ

ଭୁଲିନାହୁଁ ଆମେ ଓଡିଆ ସଂସ୍କୃତି

ଓଡିଶାର ଯାନିଯାତ
ରଜ ପୋଡପିଠା   କୁମାର ପୂର୍ଣ୍ଣିମା
ପ୍ରଭୁଙ୍କର ରଥଯାତ

ଆମରି ଦେଶରେ   ଭରି ରହିଅଛି
ପ୍ରାଚୀନ ଯୁଗର କଳା
ତହିଁ ମଧ୍ୟେ ଏକ   ଚନ୍ଦ୍ରଭାଗା କୂଳେ
କୋଣାର୍କର ଚାରୁଶିଳା

ବିଦେଶରେ ଖ୍ୟାତ   ଓଡିଶୀ ନୃତ୍ୟଟି
ସଭିଏଁ ତ ଥିବେ ଜାଣି
କେତେ ନୃତ୍ୟ ଶିଳ୍ପୀ   ସାଜିଛନ୍ତି ଆଜି
ଓଡିଶା ମଥାର ମଣି

ଏବେ ବି ରହିଛି   ଓଡିଆଙ୍କ ହୃଦେ
ଶାଗ ପଖାଳର ବାସ୍ନା
ଅତି ଆନନ୍ଦରେ   ଆୟୋଜନ ହୁଏ
କାହାର ନ ଥାଏ ମନା

ଉତ୍କଳ ଦିବସେ   ଶୁଭ ଅବସରେ
ଏତିକି ପ୍ରତିଜ୍ଞା ହେଉ
ସଭିଙ୍କ ଚେଷ୍ଟାରେ   ଓଡିଆ ସଂସ୍କୃତି
ଦୀର୍ଘଜୀବି ହୋଇ ରହୁ ।

ଝୁମୁକା (୧୯୭୫ ସାହିତ୍ୟ ଏକାଡେମି ପୁରସ୍କାର ପ୍ରାପ୍ତ)

ଲେଖକ ଓ ପ୍ରକାଶକ-ରାମକୃଷ୍ଣ ନନ୍ଦ

ସଂସାର ପ୍ରେସ, କଟକ

ପାଠିକା-ଦେବସ୍ମିତା ପାତ୍ର

କବିତା-୧- ବିରାଡିଙ୍କ ଚାହାଳୀ

ପାଠପଢ଼ା ନିଶାରେ, ବିରାଡିଛୁଆ ଚାହାଳୀ କଲେ
                    ହୋଟେଲ ପାଖ ବସାରେ ।
ଛଇଳୀ ଠୁରି ନେଉଳୀ ଟୁଆଁ ସଭିଙ୍କୁ ଡାକି କହିଲା ଭୁଆଁ,
ମନଲଗାଇ ପଢିଲେ ପାଠ ନା କରିବ ସଂସାରେ
                    ଫେରିବ ଆମ ଦଶାରେ ।
କିଏ ଧଇଲା ଶିଲଟ ଖଡି ଗାରେଇ ଗଲା ଧାଡିକି ଧାଡି,
ଗଣିତ ବହି ଭିତରେ ଥିଲା ଯେତେ ଅଙ୍କ କଷାରେ
                    ପାଠପଢ଼ା ନିଶାରେ ।
ଆଖିରେ ଜଣେ ଚଷମା ଦେଇ ପଢିଲା ବସି ଭୁଗୋଳ ବହି,
ଦେଶ ବିଦେଶ ସହର ଯାକ ଦେଖିଲା ସବୁ ନକ୍ସାରେ
                    ପାଠପଢ଼ା ନିଶାରେ ।
କିଏ ବସିଲା ସିଲେଇ କରି ଆଉ ଜଣେକେ ବେହେଲା ଧରି,
ମନଲଗାଇ ଶିଖିଲା ଗୀତ ଓସ୍ତାଦ ହେବା ଆଶାରେ
                    ପାଠପଢ଼ା ନିଶାରେ ।
ଶନିବାର ଟା ଅଧାରୁ ଛୁଟି ଡ୍ରିଲ କରନ୍ତି ସକାଳୁ ଉଠି,
ମଣିଷ ପିଲା ପଢନ୍ତି ଯାହା ଶିଖନ୍ତି ସବୁ ହିଂସାରେ
                    ପାଠପଢ଼ା ନିଶାରେ ।
ଦିନେ ହୋଇଛି ଗଣେଶ ପୂଜା ପଲଉ କ୍ଷୀରି ପାପଂଡ ଭଜା,
ଭୋଗ ତିଆରି ଲାଗିଛି ଖାଲି ଦିନଟା ଯାକ ଓଷାରେ
                    ପାଠପଢ଼ା ନିଶାରେ ।
ଠାକୁର ଟିଏ ହୋଇଛି କିଣା ପୂଜା କରନ୍ତି ବିଲୁଆ ନନା,
ବିରାଡିଛୁଆ ବୋଲନ୍ତି ଗୀତ ମ୍ୟାୟୁଁ ମ୍ୟାୟୁଁ ଦିଶାରେ

ପାଠପଢା ନିଶାରେ ।
ଏତିକି ବେଳେ ଆସିଲା ଠୁରି ପେଟର ଜ୍ୱାଳା ସହିନପାରି,
ଗାଉଁ କିନାସେ ମାତି ବସିଲା ଗଣେଶଙ୍କର ମୂଷାରେ
ସରିଗଲାତା ଓଷାରେ ।
ମାଟିର ମୂଷା ଜାଣିନି ସେତ ସଟାଁ ସଟାଁ ବସିଲା ବେତ,
ଭୁଆଁ କହିଲା ବାହାର ଏଠୁ ଉଡି ଗଲାତା ହଁସାରେ
ପାଠପଢା ନିଶାରେ ।
ପିଲାଏ ସବୁ ଛାନିଆ ହୋଇ ଚାହାଳୀ ଛାଡି ଗଲେପଳାଇ,
ଭୋଗକୁ ଧରି ବିଲୁଆନନା ଖସିଲା ତାର ବସାରେ
ଚଲୁ କରିବା ଆଶାରେ ।
ଗଣେଶ ପୂଜା ହୋଇଲା ମାରା ପିଲାଏ ଆଉ ନଦେଲେ ଧରା,
ସେଇଦିନଠୁ ଶିଳଟ ବହି ଚାଳରେ ହେଲା ଖୋସାରେ
ଛାଡିଗଲା ନିଶାରେ ।

କବିତା-୨- ନାପିତର ଶିକ୍ଷାଲାଭ

ଥିଲା ଏକ ଦୂର ଦେଶେ ଆଲି ନାମେ ନାପିତସେ ବିଚକ୍ଷଣ ଥିଲା ତାର ହାତ,
ଆଖିବୁଜି ଧରେ କ୍ଷୁର କାଟେ ନିଶ ଦାଢି ଚୂଳ, କାହା ଅଙ୍ଗେ କରେନାହିଁ ଘାତ ।

କହିଲେ ସକଳ ଜନେ ଆଲି ଭଳି ଆଉ ଜଣେ ନାପିତ ଜଗତେ ନାହିଁ କେହି,
ଧନୀ ରାଜା ମହାଜନ ଶତ୍ରୁ ମିତ୍ର ବଡ ସାନ ସକଳତା ଗୁଣ ହେଲେ ଗାଇ ।

ଦିନୁଦିନ ଦଶଦିଶ ପ୍ରଶରିଲା ତାର ଯଶ ଅହଙ୍କାରେ ଆଲି ଗଲା ଫୁଲି,
ଗରବଯେ ବହେ ମନେ ଧରାକୁ ସେ ସରା ମଣେ ବିଚାର ବିବେକ ସବୁ ଭୁଲି ।

ଦିନେଜଣେ କାଠୁରିଆ ଦୁଆରେ ତା ହୋଇ ଠିଆ ଡାକଦିଏ କିଣିବକି କାଠ,
ନାପିତ ବାହାରି ଆସି କାଠ ଦେଖି ମନଖୁସୀ ମୂଲ୍ୟ ଟେକି ଦେଲା ଅଣା ଆଠ ।

ଗଧପିଠି ପରେ ତୋର କାଠ ଅଛି ଯେତେ ଭାର ସବୁଦେଲେ ପାଇବୁ ଏ ଧନ,
କାଠୁରିଆ ରାଜି ହୋଇ ସବୁ କାଠ ତାକୁ ଦେଇ ମାଗେ ମୂଲ୍ୟ ଦିଅ ମହାଜନ ।

ଚତୁର ନାପିତ ହସି ବୋଲେ ଏ କି ବଦମାସି କାଠ ବାଡା ଦେଉ ନାହୁଁ କିଆଁ?

କେଉଁ ରାଜ୍ୟ କଥା ଏହା ରୋଶେ ଭାଷେ କାଠୁରିଆ ଆଲି କହେ ଜବାବ ସେଇଆ ।

କାଠୁରିଆ ନାହିଁକରେ ନାପିତ ନଛାଡେ ତାରେ ସବୁକାଠ କିଣିଅଛି ମୁଁହି,
ବାତାଟାତ କାଠ ଗଢା ଦେଇଯାରେ ବୋକାବୁଢା ଆଠଅଣା ମୂଲ୍ୟ ତୋର ନେଇ ।

ବହୁବେଳ ଦୁଇଜଣ କଲେ ତହିଁ ବାକ୍ୟ ରଣ ଶେଷେହେଲା ନାପିତର ଜୟ,
କାଠୁରିଆ ଦୁଃଖମନେ ଗଲା ବାଦଶା ଭବନେ ଜଣାଇଲା ସକଳ ବିଷୟ ।

ଗରିବ ଗୁହାରି ଶୁଣି ବାଦଶାହା ମନେଗୁଣୀ ଉପାୟ ପାଞ୍ଚିଲେ ସେହିକ୍ଷଣେ,
ଗୋପନେକି ଶେଷକଥା କାନେ ତାର କହିଲେତା ସେହି କାଠୁରିଆ ଏକା ଜାଣେ ।

କାଠୁରିଆ ତୋଷଭରେ ସେଦିନ ଫେରିଲା ଘରେ ଏହାପରେ ଗଲା କେତେ ମାସ,
ଦିନେ କାଠୁରିଆ ବୁଢା ଆଲି ଦ୍ୱାରେ ହୋଇ ଛିଡା ଡାକେ ମୋତେ କ୍ଷୌର କର ଆସ ।

ଆଉଜଣେ ସାଥୀ ମୋର ଦୁଇଜଣ ହେବ କ୍ଷୌର କେତେ ନବ କହ ମୋତେ ଆଗେ,
ଦୁଇଟଙ୍କା ଦେବୁ ଯେବେ ଖିଅର କରିବି ତେବେ ନାପିତ ବୋଲଇ ମହା ରାଗେ ।

ଆଚ୍ଛା ଦିଆଯିବ ତାହା ରାଜି ହେଲା କାଠୁରିଆ ଆଲିତାକୁ କ୍ଷୌର କରିସାରି,
ପଚାରେ ତୋ ସାଥୀ କାହିଁ ରାସ୍ତାରେ ସେ ଅଛି ଭାଇ କାଠୁରିଆ କହେ ହାତଠାରି ।

ଆଲି ବାହାରକୁ ଚାହିଁ ଗଧଟାଏ ଦେଖିକହେ ଏହି କିରେ ସାଥୀତୋର ପାଜି,
କାଠୁରିଆ କହେ ଧିରେ ସେହି ମୋର ସାଥୀ ଆରେ କ୍ଷୌର କରିଦିଅ ତାକୁ ଆଜି ।

ରାଗେ ଆଲି ହତଜ୍ଞାନ ଧରି କାଠୁରିଆ କାନ ଧକ୍କାମାରି ଘରୁଦେଲା ତଡି,
କଥା ଗଲା ରାଜା କାନେ ଆଲିକୁ ସିପାହୀମାନେ ଧରିନେଲେ ଦେଇ ହାତକଡି ।

ଦୁଇ ପକ୍ଷ କଥା ଶୁଣି ବାଦଶା ବୋଇଲେ ବାଣୀ ଆଲି ରଖେ ଜବାବର ଟାଣ,
କାଠ ସଙ୍ଗେ କାଠ ଗଦି ମୂଲ୍ୟ ହୋଇ ପାରେ ଯଦି ଗଧଟାକୁ ଏଇଠାକୁ ଆଣ ।

ଚାରିଗୋଡ ବାନ୍ଧି ଦେଇ ଗଧକୁ ଦେଲେ ଶୁଆଇ ବାଦଶା ଆଦେଶ ଲଙ୍ଘେ କିଏ,
ଆଲିତାର ଖୁର ଧରି ଅପମାନେ ମୁଁହ କରି ଗଧଟାକୁ କ୍ଷୌର କରିଦିଏ ।

ଅହଁକାରୀ ନାପିତର ଦର୍ପ ଗଲା ଏହିଥର ବିରୂପ ଦିଶିଲା ସିନା ଗଧ,
ଶୁଣିଲେଯେ ଦେଶବାସୀ ସରବେ ହୋଇଲେ ଖୁସୀ ବୋଇଲେ ଏ ଠିକ୍ ପ୍ରତିଶୋଧ ।

ଶୂନ୍ୟଭାବନାର ପୂର୍ଣ୍ଣଛବି

ବିଜ୍ଞାନୀ ଦାସ, ଡେଟନ୍, ମେରୀଲାଣ୍ଡ

ଲିଖିତ – ଏପ୍ରିଲ୍ ୨୪, ୨୦୧୩

ଆଜିକାଲି କଣ ଯେ ହେଉଛି, କିଛି ବୁଝିହେଉ ନାହିଁ
ବେଳେବେଳେ ଲାଗୁଛି, ମନ ଯେମିତି ଶୂନ୍ୟ
ସେଠି ସ୍ପନ୍ଦନ ନାହିଁ, ଭାବନା ନାହିଁ, ଉତ୍ତେଜନା ନାହିଁ
ହାତ, ଗୋଡ, ନାକ, ଆଖି, ସବୁ କରିଯାନ୍ତି ଯା, ନିତିଦିନିଆ କାମ ।

ସେପ୍‌ଟେମ୍ବର ଏଗାର ତାରିଖରେ, ଦୁଇହଜାର ଏକ ମସିହାରେ
ଓ୍ୱାର୍ଲଡ୍ ଟ୍ରେଡ୍ ସେଣ୍ଟର୍ ଯେବେ ହୋଇଥିଲା ଭସ୍ମୀଭୂତ
ଭାସି ଯାଇଥିଲା ମୋର ତକିଆ ଲୁହରେ
ଉଦ୍‌ବେଗ, ଆଶଙ୍କା, ଅଜଣା ମଣିଷ ପାଇଁ ହୃଦୟ ବ୍ୟଥିତ ।

ବୋଷ୍ଟନ୍‌ର ଦୁର୍ଘଟଣା, ବୋମା ବିସ୍ଫୋରଣ
ମୃତ୍ୟୁ, ରକ୍ତ, ବେଦନାର ବିଭତ୍ସ ସେ ଦୃଶ୍ୟ
ମୋ ଆଖିରେ ଲୁହ ନାହିଁ, ମୋ ମନରେ ଭାବନା ନାହିଁ
ଚଳଚ୍ଚିତ୍ର ଭଳି ଦେଖୁଛି, ଶୁଣୁଛି, ଟିଭିରେ ସେସବୁ ଘଟଣା ରହସ୍ୟ ।

ଦିନକୁ ଦିନ ବଢୁଛି ମଣିଷର ବିଭତ୍ସ ପ୍ରକୃତି
ଜୀବନ ଏଠି ମୂଲ୍ୟହୀନ, ସଂପର୍କକୁ କିଏ ବା ପଚାରେ
କନ୍ୟାଶିଶୁ ଗଣଧର୍ଷଣ ଖବର ସବୁ ନିତିଦିନିଆ ଖିଆପିଆ ଭଳି
ସନ୍ଦେହରେ ଜର୍ଜରିତ ସ୍ୱାମୀ, ସ୍ତ୍ରୀ, ହୋମନିଆଁ ତୁଚ୍ଛ ସେଠି, ସଂପର୍କ ବଦଳେ ।

କିଏ ବନ୍ଧୁ, କିଏ ଶତ୍ରୁ, ଏବେ ସବୁ ଚିହ୍ନିବା କଠିନ
ଯନ୍ତ୍ରଦୁନିଆରେ ଆଜି ପ୍ରତିକ୍ଷଣେ ଅନିଶ୍ଚିତ ଆଗତ ମୁହୂର୍ତ୍ତ
ସବୁବେଳେ ଯୁକ୍ତିତର୍କ, ବିବାହର ସଂଜ୍ଞା ପାଇଁ ବି କୋର୍ଟ, କଚେରି, ନୂଆ ସମ୍ବିଧାନ
ନିତିଦିନ ନୂଆନୂଆ ତଥ୍ୟ, ସମସ୍ୟାର ନାହିଁ କିନ୍ତୁ ଅନ୍ତ ।

ଭଲ ତେଣୁ, ଭାବୁଛି ମୁଁ କିଛି ନ ଭାବିବା ପାଇଁ
କର୍ତ୍ତବ୍ୟରେ ସିନା ଅଧିକାର, ଫଳରେ ତ ଅଧିକାର ନାହିଁ
କାହିଁକି ତେଣୁ ଅନ୍ୟଥାରେ, ହଜାଇବି ଦୁର୍ଲଭ ଏ ଅମୂଲ୍ୟ ମୁହୂର୍ତ୍ତ
ଖୁସି ପାଇବାର ଏ ସୁଯୋଗ, ଆସିବନି ଦ୍ୱିତୀୟ ଥର ପାଇଁ ।

ସେଥିପାଇଁ ବଞ୍ଚିବି ମୁଁ ପ୍ରତିକ୍ଷଣକୁ ଆନନ୍ଦେ ସଜାଇ
ହସିବି ମୁଁ, ମଜିବି ମୁଁ, ସୁଖ ବାଣ୍ଟି, ଖୁସି ବାଣ୍ଟି, କରି ସ୍ନେହ ବିତରଣ
କୋଣସି ଦୁଃଖ ଛୁଇଁବନି ମୋତେ, ଦୁଃଖ ସହିଯିବି, ଦୁଃଖର ଉର୍ଦ୍ଧ୍ୱରେ ମୁଁ ରହିଯିବି
ମୋତେ ରକ୍ଷାକରିବାକୁ ଈଶ୍ୱର ଯେ ଅଛନ୍ତି, ସେହି ମୋର ଅଭୟ ଶରଣ ।

ବିଶ୍ଳେଷଣ

ଝୀନୁ ଛୋଟରାୟ

ମୁହୂର୍ତ୍ତକ ଉଚ୍ଚାରଣ ରୌପ୍ୟ ଏ ବିବାହ ବାର୍ଷିକୀ
ଶୁଭେ ସଦା ସରଳ, ସୁଗମ
ଲାଗେ ଅବା ଛୁଇଁ ନାହିଁ ସଂସାର ଦାବାଗ୍ନି
ଦାମ୍ପତ୍ୟର ବନ ଉପବନ ।
ଯେଉଁ ଆଶା, ସ୍ୱପ୍ନ ଦିନେ ସ୍ୱାଗତମ୍ କରିଥାଏ
ଅନାଗତ ସେ ଯୁଗ୍ମ ଜୀବନ
ଯାଇଥାଏ କେତେ ଝଡ ଦାମ୍ପତ୍ୟର ଉପବନେ
ସାକ୍ଷୀ ଏକା ସେଇ ଦୁଇମନ ।
ଅଜଣା ଜୀବନ ସାଥି ଦୁଇଟି ଭିନ୍ନ ପ୍ରକୃତି
ଯୋଡିଦିଏ ବେଦିସ୍ଥ ବ୍ରାହ୍ମଣ
ବନ୍ଧୁର ସେ ଦୀର୍ଘ ପଥେ ସମନ୍ୱୟ ସାଧନରେ
କ୍ରମାଗତ ସର୍ବଦା ଉଦ୍ୟମ ।
ପ୍ରାଚ୍ୟରେ ପ୍ରତିପାଳନ ସରଳ ବାତାବରଣ
ସେ ସ୍ୱପ୍ନର ଖିଅ ଗଣ୍ଠିହୀନ
ତରୁଣୀ ଜୀବନ ସାଥି କ୍ଷମାଶୀଳ, ମିଷ୍ଟଭାଷୀ
ଚିହ୍ନୁଥିବ ସଦା ତାର ମନ ।
ନାରୀ ଯେ ଭାବ ପ୍ରବଣ ପୁରୁଷ ବାସ୍ତବବାଦୀ
ଦୁହିଁଙ୍କର ବିପରୀତ ଧର୍ମ
ଜଣଙ୍କ ଅନ୍ତରକୋହ ଉତ୍ତର ତା ଆଖିଲୁହ
ଅନ୍ୟ ପାଇଁ ସେ ଯେ ମୂଲ୍ୟହୀନ ।
ପାଶ୍ଚାତ୍ୟର ବସ୍ତୁବାଦ ମନକୁ କରେ ଆୟତ୍ତ
ଟାଣୁଥାଏ ଜୀବନ ଲଗାମ

ଆଶାର ନାହିଁ ସମାପ୍ତ ପାଇ ନ ପାଇବା ବୋଧ
ପ୍ରଭେଦଟି ଆହୁରି ବିସ୍ତୀର୍ଣ୍ଣ ।
'ହେଇଥିଲେ ହେଇଥାନ୍ତା' ମନରେ ଅକାଟ୍ୟ ଚିନ୍ତା
ଚାଲି ରହେ ଜୀବନ ସଂଗ୍ରାମ
ବିରୋଧ, ପ୍ରଭେଦ ସତ୍ତ୍ୱେ ଆକାଶ ପୃଥିବୀ ସମ
ଦୁହେଁ ଦୁହିଁଙ୍କଠାରୁ ଅଭି୍ନ ।
ନିର୍ବିଘ୍ନତା, ନିର୍ଭରତା, କ୍ଷମା, ଧୈର୍ଯ୍ୟ ସହିଷ୍ଣୁତା
ବାନ୍ଧି ରଖେ ବିବାହ ବନ୍ଧନ
ଦେଖେଇବା ପ୍ରତିଶ୍ରୁତି ଦେଇ ପାଇବାର ନୀତି
ନୁହେଁ ଆମ ସଂପର୍କ ମାଧ୍ୟମ ।
ଯୁଗଳ ଜୀବନ ରଥ ଗଡୁଥାଏ ଅବିରତ
ପଥ ହୁଏ ଦି ୁ ଦି ଶୀର୍ଣ୍ଣ
ଦୀର୍ଘପଥ ଅଭିଜ୍ଞତା ବୟସ ପରିପକ୍ୱତା
ଯୁଗ୍ମ ଙ୍କ କ୍ରମଶଃ ସଂକୀର୍ଣ୍ଣ ।
ନିଜେ ରହେ ସାକ୍ଷୀ ନିଜ ବିବେକ ତା ବିଚାରକ
ସଂଶୋଧକ ନିଜର ତା ମନ
'ବିଜୟ'ର ଦିଏ ରାୟ ସମୟ ବିଚାରାଳୟ
ସମସ୍ୟାର ହୁଏ ସମାଧାନ ।
ଜୀବନ ପାତ୍ର ଅପୂର୍ଣ୍ଣ ସମୟର ପ୍ରୟୋଜନ
ଚିହ୍ନିବାକୁ ପରସ୍ପର ମନ
ନିଜର ଆତ୍ମ ପଠନ ତନୁ, ମନ ସମର୍ପଣ
ବିବାହର ପ୍ରତି ଆଶା ପ୍ରେମ ।
ପ୍ରତୀୟମାନ ଅତୀତ ଅଭି ୟ ସେ ଯେ ଦ୍ୱୈତ
ସ୍ୱଜୀବନ କଲେ ବିଶ୍ଲେଷଣ
ଯୁକ୍ତି, ତର୍କ, ଅଭିମାନ, ରାଗ, ରୁଷା, ପ୍ରୀତି, ପ୍ରେମ
ନାଟକଟି ସବୁର ମିଶ୍ରଣ ।